## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଚାଷୀ ମୃତ

**ରସୁଲପୁର, ୩।୮ (ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅଧୀନ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମର ଚାଷୀ ମାୟାଧର ସ୍ୱାଇଁ(୫୬)ଙ୍କର ସୋମବାର ପୋଖରୀରେ ମୃତ୍ୟୁ ଘଟିଛି। ମାୟାଧର ଅପରାହ୍ନରେ ମଠ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସି ଯିବାରୁ ସେ ମୁହଁମାଡି ପଡିଯାଇଥିଲେ। ଘର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପରେ ଉକ୍ତ ପୋଖରୀରେ ମାୟାଧରଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ସଂଧ୍ୟା ୮ଟାରେ ମାୟାଧରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏ ନେଇ ଧର୍ମଶାଳା ଥାନାକୁ ଖବର ଦିଆଯାଇଥିବା ବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି। ବାରବାଟୀ ସମିତି ସଭ୍ୟ ଚୈତନ୍ୟ ନାୟକ, ସମବାୟ ନେତା ମୁକୁନ୍ଦଦେବ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ନୟାଗଡ଼ରେ ୨୨ ନୂଆ ଆକ୍ରାନ୍ତ

**ନୟାଗଡ଼ ଅଫିସ,୩।୮:** ନୟାଗଡ଼ ଜିଲାରେ ସୋମବାର ୨୨ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୯୧ରେ ପହଞ୍ଚିଛି। ଗଣିଆର ଏକ ସଙ୍ଗରୋଧ କେନ୍ଦ୍ରରୁ ଜଣେ ଆକ୍ରାନ୍ତଙ୍କୁ ବାଦ୍‌ଦେଲେ ଅନ୍ୟ ୨୧ ଜଣ ସ୍ଥାନୀୟ ଅଞ୍ଚଳର। ଆକ୍ରାନ୍ତଙ୍କ ମଧ୍ୟରେ ଗଣିଆର ୮, ଖଣ୍ଡପଡ଼ା ୩, ନୟାଗଡ଼ ବ୍ଲକର ୩ ଓ ସହରର ଜଣେ, ଓଡଗାଁ ୬, ରଣପୁର ବ୍ଲକର ଜଣେ ଅଛନ୍ତି ବୋଲି ଜିଲାପାଳ ପୋମା ଟୁଡୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ସୋମବାର ୩୪ଜଣଙ୍କୁ ମିଶାଇ ଜିଲାରେ ମୋଟ ୪୯୪ଜଣ ସୁସ୍ଥ ହୋଇଥିବାବେଳେ ୩ଜଣଙ୍କ ମୃତ୍ୟୁ ହୋଇଛି।

### ନାବାଳିକାଙ୍କୁ ବୃଦ୍ଧଙ୍କ ବଳାତ୍କାର ଉଦ୍ୟମ

**ନୟାଗଡ଼ ଅଫିସ/ରଣପୁର, ୩।୮(ସ୍ୱ.ପ୍ର.):** ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ରଣପୁର ଥାନା ପୋଲିସ ସୋମବାର ନରସିଂହପୁର ଅଞ୍ଚଳର ଜଣେ ୬୦ ବର୍ଷର ପାନ ଦୋକାନୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପ୍ରାପ୍ତ ସୂଚନା ଅନୁସାରେ ୮ବର୍ଷର ନାବାଳିକାଙ୍କୁ ଚକୋଲେଟ ଦେବାକୁ କହି ରବିବାର ପାନ ଦୋକାନୀ ବଳାତ୍କାର ଉଦ୍ୟମ କରିଥିଲେ। ଘଟଣା ସମ୍ପର୍କରେ ନାବାଳିକା ଘରେ ଜଣାଇବା ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା।

### ଟ୍ରକ୍‌କୁ ଧକ୍କାଦେଲା ଆମ୍ବୁଲାନ୍ସ, ଜଣେ ଗୁରୁତର

**ଡେରାବିଶ, ୩।୮(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳ କଲେଜ ଛକ ନିକଟରେ ସୋମବାର ଏକ ଟ୍ରକ୍ ପଛପଟେ ଆମ୍ବୁଲାନ୍ସ ଧକ୍କା ହୋଇଛି। ଏଥିରେ ଆମ୍ବୁଲାନ୍ସ ଚାଳକ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁଇ ଗାଡ଼ିକୁ ଜବତ କରିଛି । କେନ୍ଦ୍ରାପଡ଼ାରେ ଜଣେ ରୋଗୀଙ୍କୁ ଛାଡ଼ି ଆମ୍ବୁଲାନ୍ସ କଟକ ଫେରୁଥିବା ବେଳେ ଚାନ୍ଦୋଳ ଛକ ନିକଟରେ ପୂର୍ବରୁ ଛିଡ଼ା ହୋଇଥିବା ଟ୍ରକ୍ ପଛରେ ପିଟିହୋଇ ଯାଇଥିଲା।

### ଟ୍ରାକ୍ଟର ଚକା ତଳୁ ତୁଳସୀଙ୍କ ମୃତଦେହ ଉଦ୍ଧାର

**କାଳିଆପାଣି, ୩।୮ (ଡି.ଏନ୍.ଏ.):** ସୁକିନ୍ଦା ଥାନା ଅଧୀନ ପିମ୍ପୁଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଠିଆ ହୋଇଥିବା ଟ୍ରାକ୍ଟର ଚକା ତଳୁ ସୋମବାର ସକାଳୁ ପିମ୍ପୁଡ଼ିଆ ଗ୍ରାମର ତୁଳସୀ ମହାରଣା (୫୦)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସକାଳୁ ଗ୍ରାମବାସୀ ତୁଳସୀଙ୍କ ମୃତଦେହ ଦେଖି ତାଙ୍କ ପରିବାର ସଦସ୍ୟ ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମାମଲା (ନଂ.୧୧୬/୨୦) ରୁଜୁ କରିଛି। ଏଥିସହ ଉକ୍ତ ଟ୍ରାକ୍ଟରକୁ ପୋଲିସ ଜବତ କରିଥିବା ଜଣାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଆମ୍ବଦୁଲ ଗ୍ରାମର ଧରଣୀଧର ରବିବାର ସନ୍ଧ୍ୟାରେ ପଞ୍ଚାୟତ ଅଫିସ୍ ଆଗରେ ଗାଡ଼ି ରଖି ନିଜ ଘରକୁ ଯାଇଥିଲେ। ହେଲେ ସକାଳୁ ଟ୍ରାକ୍ଟର ଚକା ତଳେ ତୁଳସୀଙ୍କ ମୃତଦେହ ଚାପି ହୋଇରହିଥିଲା। ତେଣୁ କେହି ତାଙ୍କୁ ହତ୍ୟା କରି ଟ୍ରାକ୍ଟର ଚକା ତଳେ ରଖି ଦେଇଥାଇପାରନ୍ତି ବୋଲି ଚର୍ଚ୍ଚା ହୋଉଛି।

# ଅନ୍‌ଲାଇନରେ ଚମକିଲା କାଇଁଚ ରାଖୀ

**କେନ୍ଦ୍ରାପଡ଼ା ଅଫିସ, ୩।୮**



କାଇଁଚରେ ତିଆରି ହୋଇଥିବା ରାଖୀ।

- କରୋନା ମହାମାରୀରେ ୫ ହଜାରରୁ ଅଧିକ ବିକ୍ରି
- ଆମେରିକା ଓ କୁଏତ୍‌କୁ ଗଲା ୬୭ ରାଖୀ

କରୋନା ମହାମାରୀ ଚଳିତବର୍ଷର ରାଖୀ ବ୍ୟବସାୟ ଉପରେ ପ୍ରଭାବ ପକାଇଛି । ବଜାରରେ ପୂର୍ବବର୍ଷ ପରି ରାଖୀ ଦୋକାନ ଖୋଲି ନାହିଁ। ଏପରିସ୍ଥଳେ ଓର୍‌ମାସ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ଜଜାଙ୍ଗସ୍ଥିତ ହସ୍ତକଳା କ୍ଲଷ୍ଟରର କାଇଁଚ ରାଖୀ ଚମକିଛି । ଫ୍ଲିପ୍‌କାର୍ଟ ଓ ଆମାଜନ ଭଳି ଅନ୍‌ଲାଇନରେ ୫ ହଜାରରୁ ଊର୍ଦ୍ଧ୍ୱ ରାଖୀ ବିକ୍ରି ହୋଇଛି। ଆମେରିକା ଓ କୁଏତ୍ ପରି ଦେଶକୁ ୬୭ଟି ରାଖୀ ଅନ୍‌ଲାଇନରେ ଯାଇଛି।

ଅଗଷ୍ଟ ୩ ତାରିଖ ଥିଲା ରାଖୀ ପୂର୍ଣ୍ଣିମା। ଏହି ଦିନରେ ଭାଇ ହାତରେ ଭଉଣୀ ରାଖୀ ବାନ୍ଧିବା ପରମ୍ପରା ରହିଛି। ଚଳିତବର୍ଷ ରାଖୀ ବଜାର ବନ୍ଦ ରହିଥିବାବେଳେ ଓର୍‌ମାସର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ହସ୍ତକଳା କ୍ଲଷ୍ଟରର ପରିବେଶ ଅନୁକୂଳ କାଇଁଚରେ ରାଖୀ ନିର୍ମାଣ ହୋଇଥିଲା। ମାତ୍ର ୧୫ରୁ ୨୦ଟଙ୍କା ମଧ୍ୟରେ ମିଳୁଥିବା ଏହି ରାଖୀ ଆମାଜନ ଓ ଫ୍ଲିପକାର୍ଟ ପରି ଅନ୍‌ଲାଇନ ବ୍ୟବସାୟରେ ବହୁ ଅର୍ଡର ଆସିଥିବା ଶିବ ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ରଶ୍ମିତା ବେହେରା କହିଛନ୍ତି। ସେ କହନ୍ତି, ଓର୍‌ମାସ ପକ୍ଷରୁ ଜିଲାର ୧୩୦ ସଦସ୍ୟ କାଇଁଚ ହସ୍ତଶିଳ୍ପ ପାଇଁ ତାଲିମ ନେଇଥିଲେ। ବିଭିନ୍ନ ପଲ୍ଲିଶ୍ରୀ ମେଳାରେ ଏହି ହସ୍ତଶିଳ୍ପର ଚାହିଦା ବୃଦ୍ଧି ପରେ ଏହାକୁ ୨୦୧୮ରେ ଅନ୍‌ଲାଇନ ବିକ୍ରି ଆରମ୍ଭ କରାଯାଇଥିଲା । ଚାଇନା ରାଖୀ ବଜାରକୁ ଆସିବ ନାହିଁ ବୋଲି ସୂଚନା ପରେ ଚଳିତବର୍ଷ ସଦସ୍ୟାମାନେ ବିଭିନ୍ନ ପ୍ରକାର କାଇଁଚ ରାଖୀ ନିର୍ମାଣ କରି ଅନ୍‌ଲାଇନରେ ପୋଷ୍ଟ କରିଥିଲେ । ରାଖୀ ପୂର୍ଣ୍ଣିମା ବେଳକୁ ଅର୍ଡର ସଂଖ୍ୟା ୫୦୦୦ରୁ ଅଧିକ ହୋଇଥିଲା। ଜଜାଙ୍ଗ ଗ୍ରାମର ପ୍ରଭାତୀ ତ୍ରିପାଠୀ କୁହନ୍ତି, ବର୍ଷାଦିନେ କାଇଁଚ ସଂଗ୍ରହ କରି ରଖାଯାଇଥାଏ। ବର୍ଷକ ମଧ୍ୟରେ କାଇଁଚ ବ୍ୟବହାର ନ କଲେ ନଷ୍ଟ ହୋଇଯାଏ। ଜିଲାରେ ବହୁଳ ଭାବେ କାଇଁଛ ମିଳୁଥିବାରୁ ଉତ୍ପାଦିତ ସାମଗ୍ରୀ ଖୁବ୍ କମ୍ ଦାମ୍‌ରେ ଲୋକଙ୍କ ନିକଟରେ ପହଞ୍ଚାଇ ହେଉଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କୁହନ୍ତି, କାଇଁଚ ପ୍ରକୃତିର ବରଦାନ। ଏହାକୁ ସ୍ଥାନୀୟ ମହିଳା ଗୋଷ୍ଠୀ ରୋଜଗାରର ମାଧ୍ୟମ କରିଛନ୍ତି। ଅନ୍‌ଲାଇନରେ ବିକ୍ରି ଫଳରେ ଦେଶବିଦେଶରେ ଏହାର ଆଦୃତି ବଢୁଛି। ଏହାର ବହୁଳ ପ୍ରସାର ପାଇଁ ପ୍ରଶାସନ ପକ୍ଷରୁ ପ୍ରୋତ୍ସାହିତ କରାଯିବ।

# ଜିଲାରେ ପୁଣି ୨୨ କରୋନା ପଜିଟିଭ୍

**ଜଗତ୍‌ସିଂହପୁର ଅଫିସ, ୩।୮**

ଜଗତ୍‌ସିଂହପୁର ଜିଲାରେ ପୁଣି ୨୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତ ସଂଖ୍ୟା ୭୬୧ରେ ପହଞ୍ଚିଛି । ସୂଚନା ଅନୁଯାୟୀ, ନୂଆ ୨୨ ପଜିଟିଭ୍‌ଙ୍କ ମଧ୍ୟରୁ ତିର୍ତ୍ତୋଲ ବ୍ଲକରୁ ୮, ବିରିଡ଼ି ୪, ବାଲିକୁଦା ୪, ଜଗତ୍‌ସିଂହପୁର ୫ ଓ ରଘୁନାଥପୁରରୁ ଜଣେ ଚିହ୍ନଟ ହୋଇଛନ୍ତି । ତିର୍ତ୍ତୋଲ ବ୍ଲକର ୮ ପଜିଟିଭ୍‌ଙ୍କ ମଧ୍ୟରୁ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ସୌଦି ଆରବ, ତାମିଲନାଡୁ, ତେଲଙ୍ଗାନା ଓ ଦୁବାଇରୁ ଜଣେ ଲେଖାଏ ଓ ପଶ୍ଚିମବଙ୍ଗରୁ ୨ଜଣ ଫେରିଥିଲେ। ସେମାନେ କ୍ଲଷ୍ଟରସ୍ତରୀୟ ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ରେ ରହୁଛନ୍ତି । ବିରିଡ଼ିର ଆକ୍ରାନ୍ତମାନେ ଆଠଗଡ଼ରୁ ଫେରିଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସୋଲେଶନ୍ ୱାର୍ଡରେ ରଖାଯାଇଛି। ବାଲିକୁଦାର ୪ ଜଣଙ୍କ ମଧ୍ୟରୁ ଜଣେ ମହାରାଷ୍ଟ୍ର ଫେରନ୍ତା ଏବଂ ସେ କ୍ଲଷ୍ଟରସ୍ତରୀୟ ଟିଏମ୍‌ସିରେ ରହୁଛନ୍ତି। ଅନ୍ୟ ୩ ଜଣ ହୋମ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ସେହିପରି ଜଗତ୍‌ସିଂହପୁରର ୫ ଜଣ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ଜଣେ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ରଘୁନାଥପୁର ଆକ୍ରାନ୍ତ ଜଣକ ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସୋଲେଶନ୍ ୱାର୍ଡରେ ଥିବା ବେଳେ ଜଣେ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା ସୂଚନା ମିଳିଛି।

# ସଙ୍ଗରୋଧ କେନ୍ଦ୍ରରେ ରକ୍ଷାବନ୍ଧନ ଉତ୍ସବ

**ରାଜନଗର, ୩।୮ (ଡି.ଏନ.ଏ.)**

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ କଞ୍ଚନେଶ୍ୱର ଉପ୍ରା ବିଦ୍ୟାଳୟ ଓ କୁରୁଣ୍ଟି ନୋଡାଲ ଉପ୍ରା ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ସୋମବାର ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଉପ୍ରା ବିଦ୍ୟାଳୟ ସଙ୍ଗରୋଧରେ ଥିବା ୧୩ ମହିଳା ୨୨ଜଣ ପୁରୁଷଙ୍କୁ ରାଖୀ ବାନ୍ଧିଥିଲେ। ସେହିପରି କଞ୍ଚନେଶ୍ୱର ଉପ୍ରା ବିଦ୍ୟାଳୟରେ ୯ଜଣ ମହିଳା ୨୯ଜଣଙ୍କ ହାତରେ ରାଖୀ ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ଜୁମର ସ୍ୱାଇଁ, ନୋଡାଲ ଅଫିସର ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସ, ଜିଆରଏସ୍ ମାନି ମାରାଣ୍ଡି ଉପସ୍ଥିତ ଥିଲେ।

# ପୋଲିସର ମାଡ଼ ଅଭିଯୋଗ: ଜଣେ ଗୁରୁତର

**ଖଣ୍ଡପଡ଼ା,୩।୮(ସ୍ୱ.ପ୍ର.)**

**ଫାଣ୍ଡି ପରିସରରେ ଉତ୍ତେଜନା**

ଖଣ୍ଡପଡ଼ା ଥାନା କୋସକା ଫାଣ୍ଡି ଅଞ୍ଚଳରେ ଏକ ଜମିବାଡି ମାମଲାକୁ କେନ୍ଦ୍ର କରି ଫାଣ୍ଡି ଅଧିକାରୀ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ନିକଟସ୍ଥ ଗୌଡପାଟଣା ଗ୍ରାମର ରମେଶ ଚନ୍ଦ୍ର ସାହୁ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ରବିବାର ଘଟଣା ଘଟିଥିଲେ ମଧ ସୋମବାର ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ବଳଭଦ୍ରପ୍ରସାଦ, ଗୌଡପାଟଣା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଫାଣ୍ଡି ପରିସରରେ ପହଞ୍ଚି ନାରାବାଜି କରିଥିଲେ। ସମ୍ପୃକ୍ତ ଫାଣ୍ଡି ଅଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଖଣ୍ଡପଡା ଥାନା ଆଇଆଇସି ବିମଳ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନାଯୋଗ୍ୟ ୩ଦିନ ତଳେ ଜମିରେ ହୁଡା ପକାଇବାକୁ କେନ୍ଦ୍ର କରି ବଳଭଦ୍ରପ୍ରସାଦ ପଞ୍ଚାୟତ ଗୌଡପାଟଣା ଗ୍ରାମର ମାଗୁଣି ଓ ରମେଶଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ମାଗୁଣି ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ରମେଶ ଓ ତାଙ୍କ ବଡଭାଇ ଅଖିଳଙ୍କୁ ଡ଼ାକି ପଚରାଉଚରା କରିଥିଲେ। ଘଟଣାକୁ ନେଇ ବଚସା ହେବା ପରେ ଫାଣ୍ଡି ଅଧିକାରୀ ରମେଶଙ୍କୁ ମାଡ଼ ମାରିଥିବା ନେଇ ତାଙ୍କ ସ୍ତ୍ରୀ ସରୋଜିନୀ ସାହୁ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ମଲ୍ଲିକଙ୍କୁ ପଚାରିବାରୁ ସେପରି କୌଣସି ଅପ୍ରୀତିକର ଘଟଣା ଘଟି ନ ଥିବା ସୂଚନା ଦେଇଥିଲେ। କୋସକା ଫାଣ୍ଡି ଅଧିକାରୀ ଅନ୍ତର୍ଯାମୀ ଦାଶଙ୍କୁ ପଚାରିବାରୁ ସେ ଅଭିଯୋଗର କୌଣସି ସତ୍ୟତା ନ ଥିବା କହିଛନ୍ତି।

# ଦାବି ପୂରଣ ନ ହେଲେ ଗଣଧାରଣା ଚେତାବନୀ

**ସିଂହପୁର, ୩।୮ (ଡି.ଏନ୍.ଏ.)**



ସନ୍ତୋଷୀ ମନ୍ଦିର ପରିସରରେ ବୈଠକରେ ଚାଷୀମାନେ।

- କାଳିଆ ଟଙ୍କା ଫେରାଇବା ନିର୍ଦ୍ଦେଶ ବାତିଲ କରାଯାଉ
- ଖରିଫ ଫସଲ ଓ ଆସନ୍ତା ରବି ଫସଲ ପାଇଁ ଆବଶ୍ୟକ ଋଣ ମଞ୍ଜୁର କରିବାକୁ ଦାବି

ଚଳିତବର୍ଷ ରବି ଋତୁରେ ଧାନ କିଣାରେ ବ୍ୟାପକ ଦୁର୍ନୀତି, ଚାଷୀ କାଳିଆ ଟଙ୍କା ଫେରାଇବା ନିର୍ଦ୍ଦେଶ ବାତିଲ କରିବା, ମୁଗ ଓ ପନିପରିବା ଫସଲ ପାଇଁ ଚାଷୀଙ୍କୁ ସହାୟତା ରାଶି ବଣ୍ଟନ ଆଦି ଦାବି ପୂରଣ ପାଇଁ ନବ ନିର୍ମାଣ କୃଷକ ସଂଗଠନର ବିଞ୍ଝାରପୁର ଶାଖା ପକ୍ଷରୁ ଦାବି ହୋଇଛି। ଏହି ପରୀପ୍ରେକ୍ଷୀରେ ସୋମବାର ସ୍ଥାନୀୟ ସନ୍ତୋଷୀ ମନ୍ଦିର ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଚଳିତ ଖରିଫ ଫସଲ ଓ ଆସନ୍ତା ରବି ଫସଲ ପାଇଁ ଚାଷୀଙ୍କୁ ସମବାୟ ସମିତି ଓ ବ୍ୟାଙ୍କ ପକ୍ଷରୁ ଆବଶ୍ୟକ ଋଣ ମଞ୍ଜୁର କରିବା ପାଇଁ ବୈଠକରେ ଦାବି ହୋଇଥିଲା। ଏ ନେଇ ଆସନ୍ତା ୨ ଦିନ ମଧ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଚାଷୀମାନେ ଜିଲାର ସମସ୍ତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଗଣଧାରଣାରେ ବସିବେ ବୋଲି ନିଷ୍ପତ୍ତି ନିଆଯାଇଛି। ବିଞ୍ଝାରପୁର ନବନିର୍ମାଣ ସଂଯୋଜକ ସନାତନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଂଯୋଜକ ନିମାଇଁ ରାୟ, ଜିଲା ସହ ସଂଯୋଜକ ଅଶୋକ ଶାନ୍ତି, ଜିଲା ସଂଗଠନର ଉପଦେଷ୍ଟା ଭୁବନାନନ୍ଦ ସାମଲ, ରବୀନ୍ଦ୍ର ଧଳ, ଜ୍ଞାନେନ୍ଦ୍ର ବେଉରିଆ, ବଳରାମ ବଳ, ପ୍ରଫୁଲ୍ଲ ସାମଲ, ଧନେଶ୍ୱର ସାମଲ, ଅମରେନ୍ଦ୍ର ସାମଲ, ଅମୂଲ୍ୟ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# ନଦୀରେ ବୁଡ଼ିଯାଉଥିବା ମହିଳା ଉଦ୍ଧାର

**ବରୀ, ୩।୮ (ଡି.ଏନ୍.ଏ)**

ବରୀ ବ୍ଲକ ଅଧୀନ ଉଦୟନାଥପୁର ଗ୍ରାମର ବୃନ୍ଦାବନ ଦାସଙ୍କ ସ୍ତ୍ରୀ ସ୍ମିତାରାଣୀ(୫୮) ଚିଙ୍ଗୁଡିଆ ନଦୀରେ ବୁଡ଼ିଯାଉଥିବା ବେଳେ ଭୁରୁଙ୍ଗା ଗ୍ରାମର ଭ୍ରମର ମଲ୍ଲିକ ତାଙ୍କୁ ଉଦ୍ଧାର କରିଛନ୍ତି। ସ୍ମିତାରାଣୀ ନଦୀରେ ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ସେ ଭାସିଯାଇଥିଲେ। ଭ୍ରମର ବ୍ୟବସାୟ ପାଇଁ ଉକ୍ତ ଗ୍ରାମକୁ ଆସିଥିବା ବେଳେ ସ୍ମିତରାଣୀଙ୍କ ଚିତ୍କାର ଶୁଣି ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଜଳପୂର୍ଣ୍ଣ ନଦୀରୁ ସ୍ମିତାରାଣୀଙ୍କୁ ସାହସିକତାର ସହ ଉଦ୍ଧାର କରିଥିବାରୁ ଭ୍ରମରଙ୍କୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।


**ଏସ୍.ଇ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍/ଇଏନ୍‌ଜିଜି/ସିକେପି, ଏସ୍.ଇ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫର୍‌କୁ ଅଣଦେଖା କରିଦିଆଯିବ। **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି.:** (୧) ସିକେପି-ଇଷ୍ଟ-୨୦-୨୧-୦୫, ତାରିଖ: ୩୧।୦୭।୨୦୨୦; ଏଡିଇଏନ୍/।/ଟାଟା ଅଧୀନରେ (i) ହାଲୁଦପୁକୁର-ବାହାଲଦା ରୋଡ୍ ସେକ୍ସନ ମଧ୍ୟରେ ଆର୍‌ୟୁବି ନିର୍ମାଣ ଦ୍ୱାରା ୦୨ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ଟିବି-୧୭ ଓ ଟିବି-୨୧)କୁ ହଟାଇବା। (ii) ଟାଟାନଗର-ହାଲୁଦପୁକୁର ମଧ୍ୟରେ ଆର୍‌ୟୁବି ନିର୍ମାଣ କରି ୦୩ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ଟିବି-୧୧, ଟିବି-୧୨ ଓ ଟିବି-୧୩)କୁ ହଟାଇବା; ₹୨୫,୦୫,୪୭,୨୨୬.୦୪; ₹୧୪,୦୨,୭୦୦/- (୨) ସିକେପି-ଇଷ୍ଟ-୨୦-୨୧-୦୬, ତାରିଖ ୩୧।୦୭।୨୦୨୦; ଏଡିଇଏନ୍/।/ଟାଟା ଅଧୀନରେ (i) ଟାଟାନଗର-ହାଲୁଦପୁକୁର ମଧ୍ୟରେ ଆର୍‌ୟୁବି ନିର୍ମାଣ ଦ୍ୱାରା ୦୩ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ଟିବି-୬, ଟିବି-୮ ଓ ଟିବି-୯)କୁ ହଟାଇବା। (ii) ଅଁଳାଯୋଡ଼ି-ରାଇରଙ୍ଗପୁର ସେକ୍ସନ ମଧ୍ୟରେ ଆର୍‌ୟୁବି ନିର୍ମାଣ କରି ୦୨ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ଟିବି-୪୬ ଓ ଟିବି-୫୧)କୁ ହଟାଇବା। (iii) ରାଇରଙ୍ଗପୁର-ବାଦାମପାହାଡ଼ ସେକ୍ସନ ମଧ୍ୟରେ ଆର୍‌ୟୁବି ନିର୍ମାଣ କରି ୦୧ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ଟିବି-୬୧)କୁ ହଟାଇବା; ₹୨୫,୩୧,୮୪,୯୪୯.୯୦; ₹୧୪,୧୫,୯୦୦/- (୩) ସିକେପି-ଇଷ୍ଟ-୨୦-୨୧-୦୭, ତାରିଖ ୩୧।୦୭।୨୦୨୦; ଏଡିଇଏନ୍/।/ଟାଟା ଅଧୀନରେ (i) ବାହାଲଦା ରୋଡ୍-ଅଁଳାଯୋଡ଼ି ସେକ୍ସନ ମଧ୍ୟରେ ଆର୍‌ୟୁବି ନିର୍ମାଣ ଦ୍ୱାରା ୦୩ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ଟିବି-୩୫, ଟିବି-୩୭ ଓ ଟିବି-୪୦)କୁ ହଟାଇବା। (ii) କୁଲଡିହା-ବାଦାମପାହାଡ଼ ଏବଂ ଅଁଳାଯୋଡ଼ି-ଗୋରୁମହିଷାଣୀ ସେକ୍ସନ ମଧ୍ୟରେ ଆର୍‌ୟୁବି ନିର୍ମାଣ କରି ୦୨ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ଟିବି-୭୫ ଓ ଓଜି-୭)କୁ ହଟାଇବା। ₹୨୫,୦୬,୧୮,୪୯୩.୪୫; ₹୧୪,୦୩,୧୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୧୦,୦୦୦/-। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ୨୬।୦୮।୨୦୨୦ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। (PR-184)


# ବର୍ଷା ଅଭାବ, ଜଳିଗଲାଣି ସାରୁ କିଆରି

**ରସୁଲପୁର, ୩।୮ (ଡି.ଏନ୍.ଏ.)**



ସାରୁ କିଆରି ଶୁଖିଲା ପଡ଼ିଛି।

**ରସୁଲପୁର ବ୍ଲକ**
- ୨୫ଶହ ହେକ୍ଟରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ହୋଇଛି ସାରୁ ଚାଷ
- ଜଳସେଚନ ସୁବିଧା ନାହିଁ, ବେଉଷଣ ହୋଇପାରୁନି

ବର୍ଷା ଅଭାବରୁ ରସୁଲପୁର ବ୍ଲକ ଅଞ୍ଚଳରେ ଖରିଫ ଫସଲ ପ୍ରଭାବିତ ହୋଇଛି। ଶ୍ରାବଣ ମାସରେ ପ୍ରଚଣ୍ଡ ଖରା ଯୋଗୁ ଧାନ ଫସଲଠାରୁ ଆରମ୍ଭ କରି ଲାଭକରୀ ଫସଲ ଓ ପନିପରିବା ଆଦି ଫସଲ ଉଜୁଡ଼ି ଯିବା ଆଶଙ୍କା ଦେଖାଦେଲାଣି। ଚାଷଜମି ଫାଟି ଆଁ କରିଥିବା ବେଳେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ବିଶେଷକରି ଲାଭକରୀ ଫସଲ ସାରୁ ଚାଷ ହୋଇଥିବା ଜମିରେ ଗଛ ଜଳି ଗଲାଣି। ଚାଷଜମିକୁ ଜଳସେଚନ ସୁବିଧା ନ ଥିବା ଫସଲ ପାଇଁ ଚାଷୀମାନେ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରିଥାନ୍ତି। ମାତ୍ର ଚଳିତ ବର୍ଷ ବର୍ଷା ଅନ୍ତର୍ଦ୍ଧାନ ହୋଇଯାଇଥିବାରୁ ଫସଲ ଅମଳ କମିଯିବା ଆଶଙ୍କା ଦେଖାଦେଇଛି ବୋଲି ଚାଷୀମାନେ କହିଛନ୍ତି।

ରସୁଲପୁର ବ୍ଲକ ଅଞ୍ଚଳରେ ୧୨ ହଜାର ହେକ୍ଟର ଚାଷ ଜମି ରହିଛି। ଚଳିତ ବର୍ଷ ଖରିଫ ଋତୁରେ ୧୦,୯୨୦ ହେକ୍ଟର ଜମିରେ ଖରିଫ ଫସଲ ହେବ ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଥିଲା। ହେଲେ ତାହା ସମ୍ଭବ ହେଲା ନାହିଁ। ଏ ବର୍ଷ ମାତ୍ର ଶତକଡା ୭୦ଭାଗ ଜମିରେ ଖରିଫ ଚାଷ ହୋଇଛି। ସେଥିରୁ ପ୍ରାୟତଃ ୪୦ ଭାଗ ଜମିରେ ଖରିଫ ଧାନ (ସ୍ୱଳ୍ପ ଓ ଦୀର୍ଘ ମିଆଦୀ) ଧାନ ଚାଷ ହୋଇଥିବା ବେଳେ ୩୦ଭାଗ ଜମିରେ ସାରୁ ଓ ପନିପରିବା ଚାଷ ହୋଇଛି। ଚଳିତ ବର୍ଷ ଖରିଫ ଋତୁରେ ଉଚ୍ଚ କ୍ଷମତା ସମ୍ପନ୍ନ ଧାନ ବିହନ ଯୋଗାଇବାରେ ସରକାର ବିଫଳ ହେବାରୁ ଧାନ ଚାଷ ପରିମାଣ କମିଯାଇଛି। ତା ବଦଳରେ ଚାଷୀମାନେ ସାରୁ ଚାଷକୁ ପ୍ରାଧାନ୍ୟ ଦେଇଛନ୍ତି। ବ୍ଲକ ଅଞ୍ଚଳରେ ହାରାହାରି ୨୫୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ସାରୁ ଚାଷ ହୋଇଥିବା ଜଣାପଡ଼ିଛି। ହେଲେ ଶ୍ରାବଣ ମାସରେ ବର୍ଷା ଅଭାବରୁ ସାରୁ କିଆରିରେ ବେଉଷଣ ହୋଇପାରୁନି। ଗଛର ଅଗପତ୍ର ଶୁଖିଗଲାଣି। କେତେଜଣ ଚାଷୀ ସାରୁ ଗଛକୁ ମାଟିହୁଡ଼ା ଦେଇଥିଲେ ବି ପାଣି ଅଭାବରୁ ଗଛରୁ ଶାଖା ବାହାରୁନି। ତେଣୁ ଏଥର ସାରୁ ଚାଷରେ ବ୍ୟାପକ କ୍ଷତିଘଟିବ ବୋଲି ଚାଷୀ ସଞ୍ଜୀୟ କୁମାର ଭୋଇ କହିଛନ୍ତି। ସେ କହିଛନ୍ତି, ଚଳିତ ବର୍ଷ ସେ ୮୦ ଟଙ୍କାରେ ବିହନ କିଣି ସାରୁ ଚାଷ କରିଛନ୍ତି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଅମଳ କମିଯିବା ଆଶଙ୍କା ଦେଖାଦେଇଛି। ବର୍ଷା ହେବାରେ ଆଉ ବିଳମ୍ବ ହେଲେ ଚଳିତ ବର୍ଷ ମରୁଡ଼ି ହେବା ସୁନିଶ୍ଚିତ ବୋଲି ମତ ରଖିଛନ୍ତି। କ୍ଷେତକୁ ଜଳସେଚନ ସୁବିଧା ନ ଥିବାରୁ ଚାଷୀକୁଳକୁ ଏଭଳି ସ୍ଥିତି ସମ୍ମୁଖୀନ ହେବାକୁ ପଡୁଛି। ଶତକଡା ମାତ୍ର ୩୦ଭାଗ ଚାଷ ଜମିକୁ ଜଳସେଚନ ହୋଇଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଛି। ବାସ୍ତବରେ ୩୦ ଭାଗ ଜମିକୁ ବି ଜଳସେଚନ ହେଉ ନ ଥିବା ଜଣାପଡ଼ିଛି। କେତେକ ସ୍ଥାନରେ ଚାଷ ଜମିକୁ ଜଳସେଚନ କରିବାକୁ ସରକାରୀ ଅର୍ଥ ଖର୍ଚ୍ଚ ହୋଇଛି। କିନ୍ତୁ ସେଥିମଧ୍ୟରୁ ଅଧିକାଂଶ ଅଚଳ ଅବସ୍ଥାରେ ଥିବାରୁ ଦରକାର ବେଳେ ଚାଷୀ କ୍ଷେତକୁ ଜଳ ସେଚନ ହୋଇପାରୁନାହିଁ ବୋଲି ବ୍ଲକ ଅଞ୍ଚଳର ଚାଷୀମାନେ କହିଛନ୍ତି। ଏ ଦିଗରେ ରସୁଲପୁର ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କୁ ପଚାରିବାରେ, ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ସାରୁ ଚାଷ ପ୍ରଭାବିତ ହୋଇଛି। ତବେ ସାରୁ ଚାଷ ବୀମା ପରିସରଭୁକ୍ତ ନୁହେଁ। ଏ ଦିଗରେ ଚାଷୀଙ୍କର କ୍ଷତି ହେଲେ ସେମାନଙ୍କୁ ସରକାରୀ ସୁବିଧା ମିଳିବନାହିଁ। ଅନ୍ୟପକ୍ଷରେ କେତେକ ସ୍ଥାନରେ ଜଳସେଚନ ସୁବିଧା ରହିଛି। ହେଲେ ବିଜୁଳି ବିଲ୍ ପୈଠ କରିବାକୁ ଚାଷୀ ଡରୁଛନ୍ତି ବୋଲି କହିଛନ୍ତି।

# ଶଟ୍‌ଡାଉନରେ ଦୋକାନ ନ ଖୋଲିବାରୁ ଆକ୍ରମଣ

**ବାଲିଆ,୩।୮(ଡି.ଏନ୍.ଏ.)**

**କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ**

ଶଟ୍‌ଡାଉନ୍ ସମୟରେ ରାତିରେ ଦୋକାନ ନ ଖୋଲିବାରୁ ଜଣେ ତେଜରାତି ଦୋକାନୀ ଓ ତାଙ୍କ ବାପାଙ୍କୁ କେତେଜଣ ଯୁବକ ଆକ୍ରମଣ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ହୋଇ ନଥିବାରୁ ସୋମବାର ଇ-ମେଲ୍ ଯୋଗେ ଏସପିଙ୍କ ନିକଟରେ ଅଭିଯୋଗ କରାଯାଇଛି। ବିରିଡି ଥାନା ଅଧୀନ ଅଡଙ୍ଗ ବ୍ରହ୍ମପୁରସାହି ଛକରେ ସାଗରୀକା ମୁଦୁଲିଙ୍କ ତେଜରାତି ଦୋକାନ ରହିଛି। ଜୁଲାଇ ୩୦ ରାତିରେ ଶଟ୍‌ଡାଉନ୍ ଯୋଗୁ ଦୋକାନ ବନ୍ଦ ରହିଥିଲା। ଏହି ସମୟରେ ପାଖସାହିର କିଛି ଯୁବକ ପହଞ୍ଚି ଦୋକାନ ଖୋଲିବାକୁ ବାଧ୍ୟ କରିଥିଲେ। ସାଗରିକାଙ୍କ ସ୍ୱାମୀ ଓ ଶଶୁର ଦୋକାନ ଖୋଲିବାକୁ ମନା କରିବାରୁ ସମ୍ପୃକ୍ତ ଯୁବକମାନେ ଉଭୟଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏନେଇ ୩୧ ଜୁଲାଇରେ ସାଗରିକା ଓ ଅନ୍ୟ କେତେଜଣ ମହିଳା ବିରିଡ଼ି ଥାନାରେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ ୧୦୦/୨୦)ରୁଜୁ ହୋଇଥିଲା। ଅଦ୍ୟାବଧି ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି।


अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. : AIIMS/BBSR/Engg./ 557/ NIT-009 / 2020-21 Dated : 27th Jul 2020

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Renovation of Mini Auditorium inside the campus of AIIMS, Bhubaneswar** *(NIT No. : AIIMS/BBSR/Engg./ 009 /2020-21)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com / AIIMSBBSR & CPP Portal www.eprocure.gov.in.**

Sd/-
**Executive Engineer(Civil) I/C**
**AIIMS, Bhubaneswar**

## ସଂକ୍ଷେପରେ

### ରାଜପଥରେ ଦୁର୍ଘଟଣା, ୨ ମୃତ

**କୋରେଇ, ୩।୮(ସ୍ୱ.ପ୍ର.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ସୋମବାର ପୃଥକ୍ ପୃଥକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ପାଣିକୋଇଲି ଟୋଲପ୍ଲାଜା ପଟୁ ଏକ ବାଇକ ଯୋଗେ ପାଣିକୋଇଲି ଆଡକୁ ଆସୁଥିବା ସମୟରେ ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ମାଲଦା ଉତ୍ତରାବାଡ଼ ଗ୍ରାମର ସମୀର ରଞ୍ଜନ ଜେନା(୨୨)ଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସହଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଟ୍ରକ ଡ୍ରାଇଭର ରାସ୍ତାର ବିପରୀତ ଦିଗକୁ ଦୌଡ଼ି ପଳାଉଥିବା ସମୟରେ ଏକ କାର ସହ ପିଟି ହୋଇଥିଲେ। ଚିକିତ୍ସା ପାଇଁ ନେଉଥିବାବେଳେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ପାଣିକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ରକ୍ଷା ବନ୍ଧନ ଓ ଝୁଲଣ ଉତ୍ସବ

**କେନ୍ଦ୍ରାପଡ଼ା ଅଫିସ/ଡେରାବିଶ, ୩।୮(ସ୍ୱ.ପ୍ର.):** ରକ୍ଷାବନ୍ଧନ ଉପଲକ୍ଷେ ଜିଲାର ବିଭିନ୍ନ ମନ୍ଦିର ସୋମବାର ଉତ୍ସବମୁଖର ଥିଲା। ତମାଳଶାସନର ଦଧିବାମନଜୀଉଙ୍କ ମନ୍ଦିରରେ ୫ଦିନ ଧରି ଅନୁଷ୍ଠିତ ହେଉଥିବା ଝୁଲଣଯାତ୍ରା ସୋମବାର ଉଦ୍‌ଯାପିତ ହୋଇଛି।ଏଠାରେ ସେବାୟତଙ୍କ ଦ୍ୱାରା ଝୁଲଣ ନୀତି ସମ୍ପନ୍ନ କରାଯାଇଥିଲା। ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉ ମନ୍ଦିର, ଚାଟରାପାଟଣାର ଶ୍ରୀ ଗୋବିନ୍ଦଜୀଉ ମନ୍ଦିରରେ ଝୁଲଣଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ଡେରାବିଶ ବ୍ଲକ ଓଲଡି ମଠରେ ଶ୍ରୀଜୀଉଙ୍କ ଝୁଲଣଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିପାଇଁ ଗତ ୫ଦିନ ଧରି ଭଜନ କୀର୍ତ୍ତନ ଜାରି ରହିଥିଲା। ମହନ୍ତ ରାମଚନ୍ଦ୍ର ରାମାନୁଜ ଦାସ, ହଳଧର ଦାଶ, ପୂର୍ବତନ ସରପଞ୍ଚ କ୍ଷୀରୋଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଗତ କଲ୍ୟାଣ ପାଇଁ ସୁଦର୍ଶନଙ୍କ ଗ୍ରାମ ବିଜେ

**ଖଣ୍ଡପଡ଼ା,୩।୮(ସ୍ୱ.ପ୍ର.):** ଗହ୍ମାପୂର୍ଣ୍ଣମୀ ତିଥିରେ କଣ୍ଟିଲୋ ବିଜେ ଶ୍ରୀ ନୀଳମାଧବ ଜୀଉଙ୍କ ଆୟୁଧ ସୁଦର୍ଶନ ଗ୍ରାମବାସୀଙ୍କୁ ସୁରକ୍ଷା ତଥା ଜଗତ କଲ୍ୟାଣ ପାଇଁ ଗ୍ରାମ ବିଜେ କରିବା ପରମ୍ପରା ରହିଛି। ଏହି ଅନୁଯାୟୀ ସୋମବାର ଶ୍ରୀ ଜୀଉଙ୍କ ଅପରାହ୍ନ ୪ଟାରେ ସନ୍ଧ୍ୟା ଆଳତି ପରେ ସୁଦର୍ଶନଙ୍କୁ ବିଜେ କରାଯାଇ ହୋମ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହା ପରେ ସାମାଜିକ ଦୂରତ୍ୱ ବଜାୟ ରଖି ସୁଦର୍ଶନଙ୍କୁ ଗ୍ରାମ ବିଜେ କରାଯାଇଥିଲା। ଏହି ସମୟରେ ଗ୍ରାମରେ ବିରାଜିତ ବଟେଶ୍ୱର ମହାଦେବ ଓ କୃଷ୍ଣେଶ୍ୱର ମହାଦେବଙ୍କ ପାଖରେ ସୁଦର୍ଶନଙ୍କୁ ପୂଜା କରାଯାଇଥିଲା। ପରେ ସୁଦର୍ଶନ ଜୀଉ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରାତ୍ର ଧୂପ ପରେ ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ସରସ୍ୱତୀଙ୍କୁ ଝୁଲଣ ଦୋଳିକୁ ବିଜେ କରାଯାଇ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା।

### ପୁରୁଷୋତ୍ତମପୁରରେ ବିଶ୍ୱ ସଂସ୍କୃତ ଦିବସ

**କେନ୍ଦ୍ରାପଡ଼ା ଅଫିସ, ୩।୮:** ସଂସ୍କୃତ ମୃତଭାଷା ନୁହେଁ ବରଂ ଆଦିଭାଷା। ଜୀବନର ପ୍ରତ୍ୟେକ କର୍ମ ଅନୁଷ୍ଠାନରେ ସଂସ୍କୃତ ଭାଷା ଉଚ୍ଚାରିତ ହୋଇ ମୂଳଭାଷାକୁ ଧରିରଖିଛି ବୋଲି ବିଶ୍ୱ ସଂସ୍କୃତ ଦିବସରେ ପ୍ରବଚକମାନେ ମତ ଉପସ୍ଥାପନ କରିଛନ୍ତି। କେନ୍ଦ୍ରାପଡା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ପୁରୁଷୋତ୍ତମପୁରସ୍ଥ ଶ୍ରୀରାମ ମନ୍ଦିର ପରିସରରେ ସଂସ୍କୃତ ଦିବସ ସୋମବାର ପାଳିତ ହୋଇଯାଇଛି। କୋଭିଡ୍-୧୯ ନିୟମକୁ ଦୃଷ୍ଟିରେ ରଖି ପଣ୍ଡିତ ହୃଷୀକେଶ ରଥଙ୍କ ଅଧ୍ୟକ୍ଷତାରେ ଏକ ସୀମିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସ୍କୃତ ଭାଷାବିତ୍ ଯୋଗଦେଇ କହିଥିଲେ, ସଂସ୍କୃତ ଭାଷା ହେଉଛି ଆର୍ଯ୍ୟ ଭାଷା। ଏହା ସବୁ ଭାଷାର ଜନନୀ। ବେଦ ଅଷ୍ଟାଦଶ ପୁରାଣ ମହାଭାରତ, ବେଦାନ୍ତ, ରାମାୟଣ, ଶ୍ରୀମଦ୍ ଭାଗବତ ଗୀତା ଆଦି ସଂସ୍କୃତ ଭାଷାରେ ରଚନା କରାଯାଇଛି। ତେବେ ଏହାର କ୍ଲିଷ୍ଟ ଶବ୍ଦ ପ୍ରୟୋଗ ହେତୁ ସାଧାରଣରେ ସମ୍ପ୍ରସାରିତ ହୋଇପାରୁ ନାହିଁ। ମାନସ କୁମାର ରଥ, ଦୀନେଶ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧଳା ଜହର କବ୍‌ଜାରେ ନାଉଗାଁ

- ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ବେପାର ଚାଲିଛି
- ପୋଲିସ, ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛି

**ନାଉଗାଁ,୩।୮(ସ୍ୱ.ପ୍ର.)**

ନାଉଗାଁ ବ୍ଲକରେ ଦିନକୁ ଦିନ ଧଳା ଜହର କାରବାର ବୃଦ୍ଧି ପାଇବାରେ ଲାଗିଛି। ଥାନାଠାରୁ ମାତ୍ର୧୦୦ ମିଟର ଦୂରରେ ଥିବା ନାଉଗାଁ ବଜାରରେ ଏହି କାରବାର ଚାଲୁଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବ୍ଲକକୁ ବାଲିଭର୍ଡ଼ୀ-ଶିଖରଘାଟ ରାସ୍ତା ସଂଯୋଗ ପରେ କେବଳ ଧଳା ଜହର ନୁହେଁ ଚୋରା ମଦ କାରବାର ମଧ୍ୟ ବୃଦ୍ଧିପାଇଛି ବୋଲି ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଛନ୍ତି। ନାଉଗାଁ ,କଣ୍ଟୁଣିଆ, ମୁଣ୍ଡାଳ, ଅଲଣାହାଟ ଓ ଗଙ୍ଗଦା ଆଦି ବଜାରରେ ଏସବୁ କାରବାର ଖୁଲମ୍‌ଖୁଲାରେ ଚାଲୁଛି। ବିଶେଷ କରି ତହସିଲ ପଡିଆ ସମ୍ମୁଖ, ସାଧୁଗୋସ୍ୱାମୀ ରାସ୍ତା ପାର୍ଶ୍ୱରେ ଥିବା ନିଛାଟିଆ ସ୍ଥାନରେ ଏହି ବେପାର ବେଶ ଜମୁଛି। ଯୁବପିଢ଼ି ଏହି ନିଶା କବଳରେ ପଡ଼ି ବିଭିନ୍ନ ଆପରାଧିକ ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଏନେଇ ନାଉଗାଁ ସମେତ ଆଖପାଖ ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମାତ୍ର ପୋଲିସ ଓ ଅବକାରୀ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ବହୁ ସମୟରେ ଅଭିଯୁକ୍ତମାନେ ଖସିଯାଉଥିବା ଅଭିଯୋଗ ହୋଇଛି।

ଗତ ମେ ୨୦୨୦ରେ ଅଲଣା ପଞ୍ଚାୟତର ଭାତପଡା ନିକଟରେ ବ୍ରାଉନ ସୁଗାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ନାଉଗାଁ ଥାନାରେ ଅଟକ ରଖାଯାଇଥିଲା। ମାତ୍ର ପରେ ତାଙ୍କୁ ଛାଡ଼ିଦିଆଯାଇଥିଲା।ଏସମ୍ପର୍କରେ ଥାନା ଅଧିକାରୀ ଗୋବର୍ଦ୍ଧନ ସାହୁ କହିଛନ୍ତି, ଧରାଯାଇଥିବା ସାମଗ୍ରୀ ବ୍ରାଉନ ସୁଗାର କି ନିହେଁ ତାହା ପରୀକ୍ଷା ପାଇଁ ଅବକାରୀ ବିଭାଗକୁ ଅବଗତ କରାଯାଇଥିଲା। ଏହା ବ୍ରାଉନ୍ ସୁଗାର ବୋଲି ଜଣାପଡ଼ିଥିଲେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥାନ୍ତା। ମାତ୍ର ବିଭାଗ ପକ୍ଷରୁ କେହି ନ ଆସିବାରୁ ପରବର୍ତ୍ତୀ ସମୟରେ ତାଙ୍କୁ ଛାଡ଼ି ଦିଆଯାଇଥିଲା। ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଉପଜିଲାପାଳ ଧର୍ମେନ୍ଦ୍ର ମଲିକ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପୋଲିସ ପକ୍ଷରୁ ଏସମ୍ପର୍କରେ କୌଣସି ଅବଗତ କରାଯାଇ ନ ଥିଲା ବୋଲି ସେ କହିଛନ୍ତି। ବିଭିନ୍ନ ସ୍ଥାନରେ ଏ କାରବାର ହେଉଥିବା ନେଇ ଆମକୁ ପୂର୍ବରୁ ସୂଚନା ମିଳିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସମୟରେ ଚଢ଼ାଉ ମଧ୍ୟ କରାଯାଉଛି। କିନ୍ତୁ ଆମେ ଯିବା ପୂର୍ବରୁ ସେମାନେ କୌଣସି ସୂତ୍ରରୁ ସୂଚନା ପାଇ ଖସିଯାଉଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଏସବୁ ଚୋରା ବେପାରୀଙ୍କୁ ଧରା ନ ଗଲେ ବ୍ଲକର ଅବସ୍ଥା ସଙ୍ଗିନ ହେବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

## ତୁଳସୀ କ୍ଷେତ୍ରାଧିପତିଙ୍କ ଜନ୍ମୋତ୍ସବ



ଶ୍ରୀ ବଳଦେବ ଜୀଉଙ୍କ ତୁଳସୀ ବେଶ।

**କେନ୍ଦ୍ରାପଡ଼ା ଅଫିସ, ୩।୮**

ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ଜନ୍ମୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜୀଉଙ୍କୁ ଲକ୍ଷେ ତୁଳସୀ ସହିତ ସ୍ୱର୍ଣ୍ଣ ଚିତା, କାଠି ମୁକୁଟ ଲାଗି ହୋଇଥିଲା। ଏହାସହିତ ପୁରୀ ଶ୍ରୀମନ୍ଦିରର ସୁଭଦ୍ରାଙ୍କ ନିକଟରୁ ଆସିଥିବା ପାଟରାଖୀ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ଲାଗି କରାଯାଇଥିଲା । ଶ୍ରୀଜୀଉଙ୍କ ମଙ୍ଗଳାର୍ପଣ ପରେ ଜନ୍ମ ଉପଲକ୍ଷେ ପେଡା ଭୋଗ ମଣୋହି ହୋଇଥିଲା। ଏହାପରେ ଶ୍ରୀଜୀଉଙ୍କୁ କାଠି ମୁକୁଟ ଓ ଅଧରମାଳ ଲାଗି କରାଯାଇ ଗହ୍ମା ଅଭିଷେକ ନୀତି ସମ୍ପନ୍ନ କରାଯାଇଥିଲା। ଶ୍ରୀକ୍ଷେତ୍ର ପୁରୀରୁ ଭଉଣୀ ସୁଭଦ୍ରା ପଠାଇଥିବା ପାଟ ରାଖୀକୁ ମଖିବାଡର ପୂଜାପଣ୍ଡା ପରିକ୍ଷିତ କର ବଳଭଦ୍ର ଓ ଜଗନ୍ନାଥଙ୍କୁ ଅର୍ପଣ କରିଥିଲେ। ଗହ୍ମା ଅଭିଷେକ ଉପଲକ୍ଷେ ହୋମ ଯଜ୍ଞ ସହ ୧ଲକ୍ଷ ତୁଳସୀ ଅର୍ପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମନ୍ଦିର ବାହାରେ ସେବାୟତଙ୍କ ଦ୍ୱାରା ପ୍ରସ୍ତୁତ ଖିରି, ପିଠା ଓ ଅନ୍ନ ପ୍ରସାଦ ଶ୍ରଦ୍ଧାଳୁଙ୍କୁ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦେବୋତ୍ତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ମନ୍ଦିର ସୁପରଭାଇଜର ନୃସିଂହ ଚରଣ ପତ୍ରୀ, ଟ୍ରଷ୍ଟି ଧୀରେନ କୁମାର ସାହୁ, ବଳରାମ ସୁଆର, ଗଗନ ପତ୍ରୀ, ଧର୍ମଦର୍ଶୀ କର, ମାଧବ ପତ୍ରୀ, ତିନି ବାଡ଼ର ପୂଜାପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

**ଲାଗି ହେଲା ପାଟ ରାଖୀ, ଚିତା ଓ କାଠି ମୁକୁଟ**

## ବରୁଣେଶ୍ୱର କ୍ଷେତ୍ରର ରୂପରେଖ ବଦଳିବ



ମନ୍ଦିର ପରିସରରେ ବିଧାୟିକା ପ୍ରମିଳା ମଲ୍ଲିକ, ଜିଲାପାଳ ରଞ୍ଜନ କୁମାର ଦାସ ଓ ଅନ୍ୟମାନେ।

**ବିଞ୍ଝାରପୁର, ୩।୮ (ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତସ୍ଥିତ ବରୁଣେଶ୍ୱର କ୍ଷେତ୍ରର ଉନ୍ନତୀକରଣ କରାଯିବ। ଏ ନେଇ ସୋମବାର ପୂର୍ବାହ୍ନରେ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ସମେତ ଜିଲାପାଳ ରଞ୍ଜନ କୁମାର ଦାସ, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ପ୍ରମୁଖ ବରୁଣେଶ୍ୱର କ୍ଷେତ୍ରରେ ପହଞ୍ଚି ଏ ସମ୍ପର୍କରେ ମନ୍ଦିର ପୂଜକ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଛନ୍ତି। ମନ୍ଦିର ପରିସର ଉନ୍ନତୀକରଣ ସହ କୁଶଭଦ୍ରା ନଦୀର ୨ପାର୍ଶ୍ୱ ଉନ୍ନତୀକରଣ, ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ, ମନ୍ଦିର ପରିସର ଆଲୋକୀକରଣ କରାଯିବା ନେଇ ଆଲୋଚନା ହୋଇଛି। ଏ ନେଇ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ବିଧାୟିକା, ଜିଲାପାଳ ଓ ଉପଜିଲାପାଳଙ୍କ ସମେତ ଶିଳ୍ପକାର ଏସ୍.ଏନ୍. ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ତହସିଲଦାର ଅସ୍ମିତା ଦାଶ, ବିଡିଓ ମିନତୀ ଜଗଦେବ, ଆଇଆଇସି ଶିବଚରଣ ବେହେରା, ପୂଜକ ନୃସିଂହ ପଣ୍ଡା, ସୁରେନ୍ଦ୍ର ପଣ୍ଡା, ପାକୁଆ ପଣ୍ଡା, ବଳରାମ ପଣ୍ଡା, ନରେନ୍ଦ୍ର ପଣ୍ଡା, ବାଚନ ପଣ୍ଡା, ମଦନ ପଣ୍ଡା, ସାମାଜିକ କର୍ମୀ ରବୀନ୍ଦ୍ର ପରିଡା, ପୂର୍ବତନ ସରପଞ୍ଚ କାମଦେବ ଧଳ, ହେମେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

**ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି ମନ୍ଦିର ପରିସର**

ବରୁଣେଶ୍ୱର ମନ୍ଦିର ପରିସର ଏବେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପ୍ରତ୍ୟହ ଅପରାହ୍ନରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଖପାଖ ଅଞ୍ଚଳର ବହୁ ଅସାମାଜିକ ବ୍ୟକ୍ତି ମନ୍ଦିର ପାର୍ଶ୍ୱ ଦେଇ ପ୍ରବାହିତ କୁଶଭଦ୍ରା ନଦୀ କୂଳରେ ମଦ ଓ ଗଞ୍ଜେଇ ଆସର ଜମାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାଛଡ଼ା ମଦ ପିଇ ସାରିବା ପରେ ସେମାନେ ମନ୍ଦିର ପରିସରରେ ବୋତଲ ଫୋପାଡ଼ି ଦେଉଥିବାରୁ ତାହା ଏଣେତେଣେ ଗଡୁଛି। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତି ଏ ନେଇ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତିଙ୍କୁ ବିରୋଧ କରୁ ନ ଥିବା ବେଳେ ସାଧାରଣରେ ଏ ନେଇ ଅସନ୍ତୋଷ ଦେଖାଦେଇଛି। ଏ ନେଇ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାମାଜିକ କର୍ମୀ ମୁନ୍ନା ଧଳ ଓ ଅନ୍ୟମାନେ ଦାବି କରିଛନ୍ତି।

## ଅନନ୍ୟା ସାହିତ୍ୟ ସଂସଦର ମେହେର ଜୟନ୍ତୀ

**ଯାଜପୁର ଟାଉନ, ୩।୮ (ଡି.ଏନ୍.ଏ.)**

ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ସୋମବାର ରାଖୀପୂର୍ଣ୍ଣିମା ଓ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପଣ୍ଡିତ ବିନୋଦ ବିହାରୀ ନାୟକ ଯୋଗଦେଇ କବି ଗଙ୍ଗାଧର ମେହେରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ସମ୍ପାଦକ ଡ. କାହ୍ନୁଚରଣ ମିଶ୍ର, ବିଭୂତି ଭୂଷଣ ମହାପାତ୍ର, ଶିକ୍ଷାବିତ୍ ଦଶରଥ ସାମଲ, ହୃଷୀକେଶ ପତି, ପାଣ୍ଡବ ଚରଣ ସାହୁ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଲକ୍ଷ୍ମୀପ୍ରିୟା ରାଉତରାୟ, ଆଇନଜୀବୀ ଅଖିଳ ମୋହନ ଦାଶ, ମନୋଜ ନାଥ, ରବୀନ୍ଦ୍ର ମହାରଣା, ବିଦ୍ୟୁତ୍‌ପ୍ରଭା କର ପ୍ରମୁଖ ଯୋଗଦେଇଥିଲେ। ସେହିପରି ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ରାଖୀ ପୂର୍ଣ୍ଣିମା ଓ ଗୋ-ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ପ୍ରତିମା କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଢ଼ୀ, ଆଶାଲତା ନନ୍ଦ, ବ୍ରଜକିଶୋର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ଗଛରେ ବାନ୍ଧିଲେ ରାଖୀ

**ସିଂହପୁର, ୩।୮ (ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅଧୀନବାଙ୍ଗରା ପଞ୍ଚାୟତ ଛଢାମୁଣ୍ଡ ଗ୍ରାମରେ ରାଖୀ ପୂର୍ଣ୍ଣମୀ ଅବସରରେ ଦୀର୍ଘ ଦଶବର୍ଷ ହେଲା ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ଦିନେଶ ମଲିକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଳିତ ହୋଇଆସୁଛି। ଚଳିତବର୍ଷ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅଜୟ ଖଣ୍ଡୁଆଳ, ଅରୁପମା ନାୟକ, ଶୁଭମ୍ ମଲିକ, ସତ୍ୟମ ମଲିକ, ବିଶାଳ ମଲିକ, ମୀନକେତନ ପରିଡ଼ା, ଅନ୍ନପୂର୍ଣ୍ଣା ବେହେରା ଓ ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଯୋଗଦେଇ ଗଛରେ ରାଖୀ ବାନ୍ଧିଥିଲେ।

## ୫ ଗାଡ଼ି ଜବତ, ୧ଲକ୍ଷ ୪୬ହଜାର ଜରିମାନା ଆଦାୟ

**ରସୁଲପୁର, ୩।୮ (ଡି.ଏନ୍.ଏ.)**

ରସୁଲପୁର ତହସିଲ ଅଞ୍ଚଳରୁ ଲଘୁ ଖଣିଜ ଚୋରା ଚାଲାଣ ବେଳେ ସୋମବାର ତହସିଲ ପ୍ରଶାସନ ୫ଟି ଗାଡ଼ି ଜବତ କରିଛି। ଜବତ ଗାଡ଼ିଗୁଡ଼ିକଠାରୁ ୧ଲକ୍ଷ ୪୬ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୋମବାର ଭୋରୁ ୧୬ ନଂ. ଜାତୀୟ ରାଜପଥ ଉପରୁ ଜବତ ହୋଇଥିବା ୨ଟି ମୋରମ ବୋଝେଇ ହାଇୱାଠାରୁ ୮୦ ହଜାର ଟଙ୍କା, ଗୋଟିଏ ବାଲି ବୋଝେଇ ଟ୍ରକରୁ ୧୮ ହଜାର, ଚିପ୍ସ ବୋଝେଇ ମିନି ଟିପ୍ପରଠାରୁ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟପଟେ ରବିବାର ଜାବରା ପଞ୍ଚାୟତର କଣ୍ଟିଆକଣ ଗ୍ରାମଦେବତୀ ବାହୁଡେଇ ଠାକୁରାଣୀ ପୀଠ ନିକଟରୁ ବେଆଇନ ମାଟି ଉଠାଣ ବେଳେ ତହସିଲଦାର ସେଠାରେ ପହଞ୍ଚି ଏକ ହାଇୱା ଜବତ କରିଥିଲେ। ମାତ୍ର ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କୁ ବିରୋଧ କରି ହାଇୱା ଛଡ଼ାଇ ରଖିଥିଲେ। ତେବେ ହାଇୱା ମାଲିକ ସୋମବାର ସେହି ହାଇୱା ତହସିଲ ପ୍ରଶାସନକୁ ହସ୍ତାନ୍ତର କରିଥିବା ବେଳେ ତାଙ୍କଠାରୁ ୪୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ରେଡକ୍ରସ ସୋସାଇଟିକୁ ଭିସା ଷ୍ଟିଲର ୫ ଲକ୍ଷ ଟଙ୍କାର ସହାୟତା



**କଳିଙ୍ଗନଗର,୩।୮(ଡି.ଏନ.ଏ.)**

କଳିଙ୍ଗନଗର ଭିସା ଷ୍ଟିଲ ପକ୍ଷରୁ କରୋନା ମୁକାବିଲା ପାଇଁ ଜିଲା ରେଡକ୍ରସ ସୋସାଇଟିକୁ ସୋମବାର ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଭିସା ଷ୍ଟିଲ କମ୍ପାନୀର ନିର୍ଦ୍ଦେଶକ ମନୋଜ କୁମାର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଏହି ଅର୍ଥ ଚେକ ମାଧ୍ୟମରେ ପ୍ରଦାନ କରିଛନ୍ତି।

## ୧୧ ପିଇଓଙ୍କୁ କାରଣଦର୍ଶାଅ ନୋଟିସ୍

**କାର୍ଯ୍ୟରେ ଅବହେଳା**

**ବରୀ, ୩।୮ (ଡି.ଏନ୍.ଏ.)**

ସରକାରୀ ନିୟମ ଉଲ୍ଲଂଘନ ଓ କାର୍ଯ୍ୟରେ ଅବହେଳା ପାଇଁ ବରୀ ବ୍ଲକ ଅଧୀନ ୧୧ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଭାରପ୍ରାପ୍ତ ବିଡିଓ ଶାଶ୍ୱତ ଜେନା ପତ୍ର ସଂଖ୍ୟା-୬୪୮୭,୧।୮।୨୦୨୦ ପିଇଓମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଚତୁର୍ଦ୍ଦଶ କମିଶନ ଅନୁଦାନକୁ ପଞ୍ଚାୟତସ୍ତରରେ କେଉଁ ମାସରେ କେତେ ଅର୍ଥ ଖର୍ଚ୍ଚ କରାଗଲା ତାହାର ବିବରଣୀ (ଏମ୍‌ପିଆର) ବ୍ଲକ ପ୍ରଶାସନକୁ ପ୍ରଦାନ କରାଯିବା କଥା। ମାତ୍ର ବ୍ଲକ ଅଧୀନ ଗୋଳକୁଣ୍ଡ ପଞ୍ଚାୟତ, ଧାରପୁର, ଇଶାଣପୁର, ସ୍ୱାଇଁଖଣ୍ଡ, ସାହୁପଡ଼ା, ଚନ୍ଦନପୁର, ଅଙ୍ଗାଲୋ, ମଧୁସୂଦନପୁର, ଅଳିପୁର, ଉଦୟନାଥପୁର, ବାଇଁଶିରିଆ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ୨୦୨୦ ଜୁନ୍‌ର ମାସିକ ବିବରଣୀ ପ୍ରଦାନ କରି ନ ଥିଲେ। ଏଥିପାଇଁ ଭାରପ୍ରାପ୍ତ ବିଡିଓ ସେମାନଙ୍କୁ ନୋଟିସ ଜାରି କରିଥିବା ଜଣାଯାଇଛି। ଭାରପ୍ରାପ୍ତ ବିଡିଓ ଜେନା କହିଛନ୍ତି, କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀମାନଙ୍କୁ ନୋଟିସ ପଠାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ଦାଖଲ ନ କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୨ କୋଭିଡ କେୟାର ସେଣ୍ଟର ଉଦ୍‌ଘାଟିତ

**ପାରାଦୀପ,୩।୮(ସ୍ୱ.ପ୍ର.)**

ପାରାଦୀପର ୨ ସ୍ଥାନରେ ସୋମବାର କୋଭିଡ କେୟାର ସେଣ୍ଟର ଉଦ୍‌ଘାଟିତ ହୋଇଛି। ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ଥାନୀୟ ନୂଆବଜାରସ୍ଥିତ ପୋର୍ଟ କ୍ଲବକୁ ୫୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟରରେ ପରିଣତ କରାଯାଇଛି। ଏହାକୁ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଉଦଘାଟନ କରିଥିଲେ। ଏଠାରେ କରୋନା ଲକ୍ଷଣ ଥିବା ରୋଗୀ ଓ ସ୍ୱଳ୍ପଲକ୍ଷଣ ଥିବା ରୋଗୀ ରହିପାରିବେ। ରୋଗୀମାନଙ୍କ ସୁବିଧା ପାଇଁ ଏଠାରେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ମୁଖ୍ୟ ଓ ମେଡିକାଲ ଷ୍ଟାଫ ଉପସ୍ଥିତ ଥିଲେ। ସେହିପରି ଇଫକୋ ପରିସରରେ ୩୬ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର କରାଯାଇଛି। ପାରାଦୀପ ଏଡିଏମ୍ କାହ୍ନୁଚରଣ ଧିର ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ସେଣ୍ଟରର ସମୟ ବ୍ୟବସ୍ଥା ଇଫକୋ କର୍ତ୍ତୃପକ୍ଷ କରିଛନ୍ତି। ଏହି ଅବସରରେ ଇଫକୋର ନିର୍ବାହୀ ନିର୍ଦ୍ଦେଶକ କେଜେ ପଟେଲ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।




କୋଭିଡ୍ କେୟାର ସେଣ୍ଟର ଉଦ୍‌ଘାଟନୀ ଅବସରରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଓ ଅନ୍ୟମାନେ।

# ସିଲ୍ ହୋଇଥିବା କ୍ରଶର ଚାଲୁଛି

- ବେଆଇନ ବ୍ଲାଷ୍ଟିଂ ଉପରେ ନାହିଁ ଲଗାମ
- ଉଜୁଡୁଛି ଜଙ୍ଗଲ, ବନ୍ଦ ହେଲା ଚାଷ

**ନୟାଗଡ଼ ଅଫିସ/ଗଣିଆ, ୩।୮ (ଡି.ଏନ.ଏ.)**

ପ୍ରଶାସନ ପକ୍ଷରୁ ସିଲ୍ ହୋଇଥିବା କ୍ରଶର ଚାଲୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନାହିଁ। ପୁଣି ବେଆଇନ ବ୍ଲାଷ୍ଟିଂ ଉପରେ ମଧ୍ୟ ଲଗାମ ନାହିଁ। ଫଳରେ ନୟାଗଡ଼ ଜିଲା ଗଣିଆ ବ୍ଲକ କିଶୋରପ୍ରସାଦ ଖଳିସରା ମୌଜାର ଆଠଗଡ ତଇଲା (ଜଙ୍ଗଲ) ଉଜୁଡ଼ିବାରେ ଲାଗିଛି। ବ୍ଲାଷ୍ଟିଂ ଯୋଗୁ ପଥର ଖଣ୍ଡ ବିଲରେ ପଡିବା ଦ୍ୱାରା ବାଦାମ ଓ ଧାନଚାଷ ବନ୍ଦ ହୋଇଯାଇଛି। ପ୍ରତିବାଦ କଲେ କ୍ରଶର ଓ ଖଣି ଖନନ କରୁଥିବା ଲୋକ ଧମକଚମକ ଦେଉଛନ୍ତି। ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ ହେଲେ ମଧ୍ୟ ସୁଫଳ ମିଳୁନି।

ଖଳିସରା ମୌଜାର ଆଠଗଡ଼ ତଇଲା ନିକଟ ଜମିରେ ଭଲ ବାଦାମ ଚାଷ ହୁଏ। କେତେଜଣ ଚାଷୀ ଧାନଚାଷ ମଧ୍ୟ କରନ୍ତି। ଏପରିସ୍ଥଳେ ଜଙ୍ଗଲରେ ବିସ୍ଫୋରଣ ଯୋଗୁ ପଥରଖଣ୍ଡ ଜମିରେ ପଡ଼ି ଫସଲ ନଷ୍ଟ ହେବାରେ ଲାଗିଲା। ଏପରି ଘଟଣା ବାରମ୍ବାର ହେବା ପରେ ଚାଷୀ ବାଧ୍ୟ ହୋଇ ଚାଷ ବନ୍ଦ କରିଛନ୍ତି। ଚାଷୀଙ୍କ କହିବା କଥା, ଏହା ଦ୍ୱାରା ଘଞ୍ଚ ଜଙ୍ଗଲ ମଧ୍ୟ ଉଜୁଡିବାରେ ଲାଗିଛି। ବେଆଇନ କ୍ରଶର ଚାଲୁଥିବା ନେଇ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଏହାକୁ ସିଲ୍ କରାଗଲା। ହେଲେ କିଛିଦିନ ବ୍ୟବଧାନରେ କ୍ରଶର ପୁଣି ଚାଲୁ ରହିଛି। ଏ ସମ୍ପର୍କରେ ବାରମ୍ବାର ତହସିଲରେ ଅଭିଯୋଗ ପରେ ବି କିଛି ସୁଫଳ ମିଳୁନାହିଁ। ବେଆଇନ ବ୍ଲାଷ୍ଟିଂ ମଧ୍ୟ ରୋକାଯାଇ ପାରୁନି। ଏ ନେଇ ସ୍ଥାନୀୟ ବାସିନ୍ଦା ନିଜ ନାଁ ଗୋପନ ରଖି କହିଛନ୍ତି, କ୍ରଶର ଓ ବ୍ଲାଷ୍ଟିଂ ବନ୍ଦ କରାଇବାକୁ ବିଭିନ୍ନ ସମୟରେ ତହସିଲଦାରଙ୍କୁ ଜଣାଇଛୁ। କ୍ରଶର ସିଲ୍ ପରେ ପୁଣି ଚାଲୁଥିଲେ ମଧ୍ୟ ଆଉ ପଦକ୍ଷେପ ନିଆଗଲା ନାହିଁ। ବାରମ୍ବାର ଅଭିଯୋଗ ପରେ ଆର୍‌ଆଇଙ୍କୁ ପଠାଇ ତଦନ୍ତ କରି ପଦକ୍ଷେପ ନେବି କହି ତହସିଲଦାର ଚୁପ ରହୁଛନ୍ତି। ଅଭିଯୋଗ ଓ ପ୍ରତିବାଦ କଲେ ଧମକଚମକ ମିଳୁଛି। ଏପରି କି ଗଣ୍ଡଗୋଳ କରି ମୁହଁ ବନ୍ଦ କରିବାକୁ ଚାପ ସୃଷ୍ଟି କରାଯାଉଛି ବୋଲି କ୍ଷୋଭର ସହ କହିଛନ୍ତି। ଏ ନେଇ ତହସିଲଦାର ମିତାଲି ପାତ୍ର କୁହନ୍ତି, ବ୍ଲାଷ୍ଟିଂ ଓ ବେଆଇନ କ୍ରଶର ଚାଲିବା ସମ୍ପର୍କରେ ଅଭିଯୋଗ ପରେ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଇଥିଲା। କ୍ରଶର ସିଲ୍ ସହ ବ୍ଲାଷ୍ଟିଂ ବନ୍ଦ କରାଯାଇଥିଲା। ଏବେ ଯଦି ପୁଣି ଚାଲୁଛି ବୋଲି ଅଭିଯୋଗ ଉଠୁଛି ମୁଁ ଆର୍‌ଆଇଙ୍କୁ ଘଟଣାର ତଦନ୍ତ କରିବାକୁ କହିଛି। ଏହା ଜଣାପଡିଲେ ତ୍ୱରିତ ପଦକ୍ଷେପ ନିଆଯିବ।



ଆଠଗଡ ତଇଲାରେ ବ୍ଲାଷ୍ଟିଂକରି ପଥର ଫଟାଯାଉଛି।

